# NATIONAL NEWS BULLETIN (ODIA)

## 13 November - 2024

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆରମ୍ଭ ହୋଇଛି ମତଗ୍ରହଣ ।

– ୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ଏବଂ କେରଳ ୱାୟନାଡ୍ ଲୋକସଭା ଉପନିର୍ବାଚନ ପାଇଁ ଚାଲିଛି ମତଦାନ ।

- ବିହାରର ଦରଭଙ୍ଗାକୁ ଆଜି ଗସ୍ତରେ ଯାଇ ୧୨ ହଜାର କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- ଭାରତ ଏବଂ ସାଉଦି ଆରବ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ ଆଲୋଚନା ବୈଠକ ।
- ଉପଭୋକ୍ତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେତେକ ମାନକକୁ ନିଶ୍ଚିତ କରିବାକୁ ଇ-କମର୍ସ ଖାଦ୍ୟ ବ୍ୟବସାୟ ଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦେଲା ଏଫ୍.ଏସ୍.ଏସ୍.ଏ.ଆଇ. ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ସେଞ୍ଚୁରିଆନ୍ ଠାରେ ଖେଳାଯିବ ।

## ଝାଡ଼ଖଣ୍ଡ-ଇଲେକ୍‌ସନ୍

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ୬୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସେମାନଙ୍କ ମଧ୍ୟରେ ୭୩ ଜଣ ମହିଳା ପ୍ରାର୍ଥୀ ଅନ୍ତର୍ଭୁକ୍ତ । ୧୫ ହଜାର ୩୪୪ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସେଥିମଧ୍ୟରେ ୨୨୫ଟି ମତଦାନ କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ମତଗ୍ରହଣ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ । ତେବେ ୩୧ଟି ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ୯୫୦ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ ଅପରାହ୍ଣ ୪ଟାରେ ଶେଷ ହେବ ।

ମୋଟ୍ ୧ କୋଟି ୩୭ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ମତାଧିକାର ସାବ୍ୟସ୍ତ କରିବେ । ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ ନିର୍ବାଚନ ଲକ୍ଷ୍ୟରେ ୨୦୦ କମ୍ପାନୀରୁ ଅଧିକ କେନ୍ଦ୍ରୀୟ ସୁରକ୍ଷାବଳଙ୍କୁ ରାଜ୍ୟରେ ମୁତୟନ କରାଯାଇଛି ।

ବିଜେପିର ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍, ଜେ.ଏମ୍.ଏମ୍.ର ମହୁଆ ମାଝି, କଂଗ୍ରେସର ରାମେଶ୍ୱର ଓରାଓ,

ଜେ.ଡି.ୟୁ.ର ସରଜୁ ରାଇ ପ୍ରମୁଖ ଆଜି ନିର୍ବାଚନ ରଣାଙ୍ଗନାରେ ଅଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବି କୁମାର ମତଦାନରେ ଅଧିକରୁ ଅଧିକ ମତଦାତା ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଆନ୍ତଃ ଜିଲ୍ଲା ସୀମାକୁ ସିଲ୍ କରିଦିଆଯାଇଛି । ନକ୍ସଲ ଗତିବିଧିକୁ ରୋକିବା ପାଇଁ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ତଲାସୀ ଅଭିଯାନକୁ ଜୋରଦାର କରିଦିଆଯାଇଛି ।

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୦ ତାରିଖରେ ୩୮ଟି ବିଧାନସଭା ମଣ୍ଡଳୀ ପାଇଁ ଅନୁଷ୍ଠିତ ହେବ । ୨୩ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ବାଇପୋଲ୍

୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ଏବଂ କେରଳର ୱାୟନାଡ୍ ଲୋକସଭା ଆସନ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ଆରମ୍ଭ ହୋଇଛି । ବିଧାନସଭା ଆସନଗୁଡ଼ିକ ମଧ୍ୟରେ ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଏବଂ ସିକ୍କିମ୍‌ର ୨ଟି ଲେଖାଏଁ ଆସନ ରହିଛି । କେରଳ, ଛତିଶଗଡ଼, ଗୁଜରାଟ ଏବଂ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଆଜି ମତଦାନ ଅନୁଷ୍ଠିତ ହେଉଛି ।

## ପ୍ରେଜ୍-ୟୁଟି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସିଲଭାସାର ନମୋ ମେଡିକାଲ୍ ଏଜୁକେସନ୍ ଏବଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ପରିଦର୍ଶନରେ ଯିବେ । କେନ୍ଦ୍ର ଶାସିତ ଅଞ୍ଚଳ ଦାଦରା ଓ ନଗର ହାବେଳି ଏବଂ ଦାମନ ଓ ଡିଉକୁ ତିନିଦିନିଆ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଆଜି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ପରେ ଜାଣ୍ଡା ଚୌକ ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ସହିତ ସିଲଭାସା ଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବେ ।  ୭୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାଣ୍ଡା ସ୍କୁଲ୍‌ରେ ପାଖାପାଖି ୧୨ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ଯୋଗର ବ୍ୟବସ୍ଥା କରାଯାଇଛି । ଡିଉ ସ୍ଥିତ ଭାରତୀୟ ନୌସେନାର ଖୁକ୍ରି ସ୍ମାରକୀକୁ ପରିଦର୍ଶନ କରିବେ ।

## ପ୍ରଧାନମନ୍ତ୍ରୀ-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଦରଭଙ୍ଗା ଗସ୍ତରେ ଯାଇ ୧୨ ହଜାର କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ କରିବେ । ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୧ ହଜାର ୨୬୦ କୋଟି

ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ନିର୍ମିତ ଦରଭଙ୍ଗା ଏମସ୍‌ର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଜେ.ଡି.ୟୁ.ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ ଝା କହିଛନ୍ତି, ଏହି ବହୁମୁଖୀ ଅତ୍ୟାଧୁନିକ ହସ୍ପିଟାଲ୍ ଉତ୍ତର ବିହାର ପାଇଁ ଏକ ବଡ଼ ବରଦାନ ସଦୃଶ୍ୟ ହେବ । ଏଥିସହ ପ୍ରଧାନମନ୍ତ୍ରୀ ୬ହଜାର ୮୦୦ କୋଟିରୁ ଅଧିକ ମୂଲ୍ୟର ଏକାଧିକ ଜାତୀୟ ରାଜପଥ  ଏବଂ ରେଳପଥ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଦେଶର ବିଭିନ୍ନ ରେଳ ଷ୍ଟେସନ୍‌ରେ ୧୮ଟି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ରର ମଧ୍ୟ ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଘାଟନ କରିବେ । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ର ପାଇଁ ୪ହଜାର ୨୦ କୋଟିରୁ ଅଧିକ ମୂଲ୍ୟର ଏକାଧିକ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏହାଦ୍ୱାରା ଦରଭଙ୍ଗା, ମଧୁବନୀ, ସୁକୋଉ, ସୀତାମାଢ଼ି ଏବଂ ଶିଓହର ଜିଲ୍ଲାବାସୀ ଉପକୃତ ହେବେ ।

## ଭାରତ-ସାଉଦିଆରବ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀ ଠାରେ ସାଉଦି ଆରବ ପ୍ରତିପକ୍ଷ ପ୍ରିନ୍ସ ଫୈଜଲ ବିନ୍ ଫରହାନ୍ ଅଲ୍ ସୌଦ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ

ବହୁ ପୁରାତନ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ତଥା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହି ଆସିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତ ସାଉଦି ଆରବର ଦ୍ୱିତୀୟ ବୃହତମ ବାଣିଜ୍ୟ ସହଯୋଗୀ ହୋଇଥିବା ବେଳେ ସାଉଦି ଆରବ ଭାରତର ଚତୁର୍ଥ ଭାବେ ମାନ୍ୟତା ପାଇଛି । ଗତ ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୫୨ ଦଶମିକ୍ ୭/୬ ବିଲିୟନ୍ ଡଲାର୍ ହୋଇଥିଲା । ସାଉଦି ଆରବରେ ୨ ଦଶମିକ୍ ୬/୫ ନିୟୁତରୁ ଅଧିକ ଭାରତୀୟ ବସବାସ କରୁଛନ୍ତି ବୋଲି ଆମ ସମ୍ବାଦଦାତା କହିଛନ୍ତି । ବାର୍ଷିକ ହଜ୍ ଯାତ୍ରା ଭାରତ-ସାଉଦି ଆରବ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ସୂଚନା ଦେଇଛନ୍ତି ।

## ଏଫ୍ଏସ୍ଏସ୍ଏଆଇ-ଇକମର୍ସ

ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ କର୍ତ୍ତୃପକ୍ଷ ଏଫ୍.ଏସ୍.ଏସ୍.ଏ.ଆଇ. ଇ-କମର୍ସ୍ ଖାଦ୍ୟ ବ୍ୟବସାୟୀଙ୍କୁ ଉପଭୋକ୍ତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେତେକ ମାନକକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛି । ୩୦ ପ୍ରତିଶତ ସର୍ବନିମ୍ନ ସେଲ୍ଫ ଲାଇଫ୍‌କୁ ସୁନିଶ୍ଚିତ କରିବା ସହ ନିର୍ଦ୍ଧାରିତ ଶେଷ ସମୟସୀମାର ୪୫ ଦିନ ପୂର୍ବରୁ ସାମଗ୍ରୀ ଉପଭୋକ୍ତାଙ୍କୁ ହସ୍ତାନ୍ତର କରିବାକୁ ଏଫ୍.ଏସ୍.ଏସ୍.ଏ.ଆଇ. ନିର୍ଦ୍ଦେଶ ଦେଇଛି ।

ନୂଆଦିଲ୍ଲୀ ଠାରେ ଗତକାଲି ଇ-କମର୍ସ୍ ଖାଦ୍ୟ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ଏକ ବୈଠକରେ ଏଫ୍.ଏସ୍.ଏସ୍.ଏ.ଆଇ. ଏହି ନିର୍ଦ୍ଦେଶ ଦେଇଛି । ଏଥିରେ ୨୦୦ରୁ ଅଧିକ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଥିଲେ । ଉପଭୋକ୍ତାଙ୍କ ଉପରେ ଅନ୍‌ଲାଇନ୍ ମାଧ୍ୟମରେ ଆଇନ୍ ଅନୁମୋଦିତ ହୋଇନଥିବା କୌଣସି ଦାବି ଉପସ୍ଥାପନ ନ କରିବାକୁ ଏଫ୍.ଏସ୍.ଏସ୍.ଏ.ଆଇ. ସତର୍କ କରାଇ ଦେଇଛି । ଏଫ୍.ଏସ୍.ଏସ୍.ଏ.ଆଇ.ର କାର୍ଯ୍ୟନିର୍ବାହୀ ଅଧିକାରୀ ଜି. କମଳା ବର୍ଦ୍ଧନ ରାଓ କହିଛନ୍ତି, ଏଭଳି ପଦକ୍ଷେପ ଉପଭୋକ୍ତାଙ୍କୁ ସଠିକ୍ ଉତ୍ପାଦ ପ୍ରଦାନ କରିବାରେ ସହାୟକ ହେବ । ଏଫ୍.ଏସ୍.ଏସ୍.ଏ.ଆଇ. ଲାଇସେନ୍ସ କିମ୍ବା ପଞ୍ଜିକରଣ ବିନା କାର୍ଯ୍ୟ କରୁଥିବା ଇ-କମର୍ସ ଖାଦ୍ୟ ବ୍ୟବସାୟିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।

## ପିଏମ୍-ମହାରାଷ୍ଟ୍ର

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସନ୍ଧ୍ୟାରେ ପୁନେ ଠାରେ ମହାୟୁତି ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିଛନ୍ତି । ପୁନେରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପୁନେ ଭବିଷ୍ୟତରେ ସବୁଠାରୁ ସଂଯୁକ୍ତ ସହର ଭାବେ ମାନ୍ୟତା ପାଇବ ।

ମଧ୍ୟବିତ୍ତଙ୍କୁ ଦେଶର ମେରୁଦଣ୍ଡ ବୋଲି ଅବିହିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ବର୍ଗଙ୍କ ଉଦ୍ୟମ ଏବଂ ଚେଷ୍ଟା ବଳରେ ହିଁ ଦେଶ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ମଧ୍ୟବିତ ବର୍ଗଙ୍କ ପାଇଁ ଆୟକର ଏବଂ ସ୍ୱାସ୍ଥ୍ୟ ସୁବିଧାରେ ରିହାତି ସଂପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ଜୋରଦାର ପ୍ରଚାର ଚାଲିଛି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି କେତୋଟି ନିର୍ବାଚନୀ ସଭାରେ ମହାୟୁତି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରି, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ ।

ସେହିଭଳି କଂଗ୍ରେସ, ଶିବସେନା ୟୁ.ବି.ଟି. ପକ୍ଷରୁ ମଧ୍ୟ ବିଭିନ୍ନ ନିର୍ବାଚନୀ ରାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରାଯାଇଛି ।

# ମଣିପୁର-ଏନ୍‌କାଉଣ୍ଟର

ମଣିପୁର ଜିରିବାମ୍ ଜିଲ୍ଲାରେ ସୁରକ୍ଷା ବାହିନୀ ଦୁଇ ଜଣ ସାଧାରଣ ନାଗରୀକଙ୍କର ମୃତ ଦେହକୁ ଉଦ୍ଧାର କରିଛି । ସନ୍ଦିଗ୍ଧ ଆତଙ୍କବାଦୀ ସେମାନଙ୍କୁ ଅପହରଣ କରିଥିଲେ ।

ସୂଚନା ଯୋଗ୍ୟ ଆତଙ୍କବାଦୀଙ୍କ ଦ୍ୱାରା ଅପହୃତ ୬ ଜଣ ନାଗରୀକଙ୍କୁ ଉଦ୍ଧାର କରିବା ପାଇଁ ଚାଲିଥିବା ଅଭିଯାନରେ ଅନ୍ୟ ଦୁଇ ଜଣଙ୍କର ମୃତ ଦେହକୁ ସୁରକ୍ଷା ବାହିନୀ ଉଦ୍ଧାର କରିଛନ୍ତି । ମଣିପୁର ପୁଲିସ ମହାନିର୍ଦ୍ଦେଶକ ଡକ୍ଟର ଆଇ.କେ. ମୁଇଭା କହିଛନ୍ତି, ଜିରିବାମ୍ ଜିଲ୍ଲାର ଜାକୁରାଧର ଠାରେ ଥିବା ବୋରୋବେକ୍ରା ଥାନା ଏବଂ ନିକଟବର୍ତ୍ତୀ ସି.ଆର୍.ପି.ଏଫ୍. ପୋଷ୍ଟ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ସଫଳତାର ସହ ପ୍ରତିହତ କରାଯାଇଛି । ଗୁଳି ବିନିମୟ ପରେ ସୁରକ୍ଷା ବାହିନୀ ତଲାସୀ ଅଭିଯାନ କରି ୧୦ ଜଣ ଆତଙ୍କବାଦୀଙ୍କ ମୃତ ଦେହ ସହିତ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛି ।

# ପାକିସ୍ତାନ-କିଲ୍ଡ

ପାକିସ୍ତାନର ପାହାଡ଼ିଆ ଗିଲଗିଟ୍-ବାଲ୍ଟିସ୍ତାନ ପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ୧୬ ଜଣଙ୍କର ମୃତ୍ୟୁ ହୋଇଛି । ଟି-ଡିଆମେଲ୍ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ଏକ ଯାତ୍ରୀବାହୀ ବସ୍

ପାକିସ୍ତାନର ପଞ୍ଜାବ ପ୍ରଦେଶର ଆଷ୍ଟୋର୍‌ରୁ ବାହାରି ଚକ୍‌ୱାଲ୍ ଜିଲ୍ଲା ଅଭିମୁଖେ ଯାଉଥିବା ବେଳେ ଡିଆମେର ଜିଲ୍ଲା ଅନ୍ତର୍ଗତ ତେଲଚି ପୋଲ ଉପରୁ ନଦୀକୁ ଖସିପଡ଼ିଥିଲା । ଡିଆମେର୍‌ର ବରିଷ୍ଠ ଆରକ୍ଷି ଅଧିକ୍ଷକ ଶେର୍ ଖାଁ ଏହି ଘଟଣାରେ ୧୬ଟି ମୃତ ଦେହ ଉଦ୍ଧାର ହୋଇଥିବା ସୂଚନା ଦେଇଛନ୍ତି । ତେବେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।

## କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ସେଞ୍ଚୁରିୟାନ୍‌ର ସୁପର ସ୍ପୋର୍ଟ୍ ପାର୍କ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍ ସମାନ ସ୍ତରରେ ରହିଛି । ପ୍ରଥମ ମ୍ୟାଚ୍‌କୁ ଭାରତ ୬୧ ରନ୍‌ରେ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ବିଜୟୀ ହୋଇଥିଲା ।

## ହକି

ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ୨୦୨୪ ପ୍ରତିଯୋଗିତାରେ ଆଜି ଭାରତ-ଥାଇଲାଣ୍ଡ ମଧ୍ୟରେ ମୁକାବିଲା ହେବ । ବିହାରର ରାଜଗିରି ହକି

ଷ୍ଟାଡିୟମ୍ ଠାରେ ଅପରାହ୍ଣ ୪ଟା ୪୫ରେ ଏହି ମ୍ୟାଚ୍ ଖେଳାଯିବ । ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରେ ଅପରାହ୍ଣ ୧୨ଟା ୧୫ରେ ଦକ୍ଷିଣ କୋରିଆ-ମାଲେସିଆ ଏବଂ ଚୀନ୍-ଜାପାନ ମଧ୍ୟରେ ଅପରାହ୍ଣ ୨ଟା ୩୦ରେ ମୁକାବିଲା ହେବ ।

ଗତକାଲିର ମ୍ୟାଚ୍‌ରେ ଭାରତ ଦକ୍ଷିଣ କୋରିଆକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଚୀନ୍ ମାଲେସିଆକୁ ୫-୨ ଗୋଲ୍‌ରେ ହରାଇ ଦେଇଥିବା ବେଳେ ଜାପାନ୍ ଏବଂ ଥଇଲାଣ୍ଡ ମଧ୍ୟରେ ମ୍ୟାଚ୍ ୧-୧ ଗୋଲ୍‌ରେ ଅମିମାଂଶିତ ଭାବେ ଶେଷ ହୋଇଛି ।